ଜାନୁଆରୀ ୧୦ରେ ଭିସ୍ୟୁଟ୍ ଗ୍ଲୋବାଲ୍ ହାଫ୍ ମାରାଥନ

ସମ୍ବଲପୁର,୭।୧୧(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସ୍ୟୁଟ୍) ଏବଂ ଭିସ୍ୟୁଟ୍ ଓଭରସିଜ୍ ଆଲୁମିନାଇ ଆସୋସିଏଶନ୍‌ର ମିଳିତ ସହଯୋଗରେ ୨୦୨୬ ଜାନୁଆରୀ ୧୦ ତାରିଖରେ 'ଭିସ୍ୟୁଟ୍ ଗ୍ଲୋବାଲ୍ ହାଫ୍ ମାରାଥନ୍'ର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହେବ। ଏହାର ପ୍ରସ୍ତୁତିକୁ ନେଇ ଶନିବାର ଭିସ୍ୟୁଟ୍‌ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଭିସ୍ୟୁଟ୍ କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ କହିଛନ୍ତି, ଭିସ୍ୟୁଟ୍‌ର ଗୌରବମୟ ୭୦ବର୍ଷ ପୂର୍ତ୍ତି ତଥା ପ୍ଲାଟିନମ୍ ଜୁବୁଲି ପାଳନ ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ହାଫ୍ ମାରାଥନ୍ ଆୟୋଜିତ ହେବ। ଚଳିତ ବର୍ଷ ମାରାଥନର ବାର୍ତ୍ତା ରହିଛି 'ଇନୋଭେଟ୍, ରନ୍ ଆଣ୍ଡ୍ ସଷ୍ଟେନ୍' (ନବସୃଜନ, ଦୌଡ଼ ଏବଂ ସ୍ଥାୟୀତ୍ୱ)। ଏହି ବାର୍ତ୍ତାକୁ ମୂଳ ଆଭିମୁଖ୍ୟଭାବେ ଚୟନ କରାଯାଇ ଶିକ୍ଷା ଓ ଗବେଷଣା ମାଧ୍ୟମରେ ନୂତନ ଜ୍ଞାନକୌଶଳର ଉଦ୍ଭାବନ, ଯୁବପିଢ଼ିଙ୍କ ଉତ୍ତମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ଏବଂ ପରିବେଶ ସୁରକ୍ଷାର ବାର୍ତ୍ତା ସମାଜରେ ପହଞ୍ଚାଇବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁଳପତି ପ୍ରଫେସର ସାହୁ କହିଛନ୍ତି। ମାରାଥନ ଭିସ୍ୟୁଟ୍‌ର ମୁଖ୍ୟ ଫାଟକରୁ ଆରମ୍ଭ ହେବ। କୁଳପତି ପ୍ରଫେସର ସାହୁଙ୍କ ସୂଚନା ଅନୁଯାୟୀ, ଆମେରିକା, ବ୍ରିଟେନ୍ ସମେତ ଭାରତର ଦିଲ୍ଲୀ, ଭୁବନେଶ୍ୱର, ରାଉରକେଲା ଓ ବ୍ରହ୍ମପୁର ଭଳି ପ୍ରମୁଖ ସହରରେ ଏହା ଏକା ସାଙ୍ଗରେ ଆୟୋଜିତ ହେବ। ଏଥିରେ ବିଶ୍ୱବିଦ୍ୟାଳୟର ଦେଶବିଦେଶରେ ଥିବା ପୁରାତନ ଛାତ୍ରୀଛାତ୍ରମାନେ ନିଜ ନିଜ ସହରରେ ଏକ ସମୟରେ ସାମିଲ ହେବେ। ୨୦୨୬ ମସିହାରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ୧୨ଟି ଦେଶର ୬୧ଟି ଆଲୁମିନାଇ ବ୍ୟାଚ୍‌ରୁ ୨୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



ହାଫ୍ ମାରାଥନ ପ୍ରସ୍ତୁତି ନେଇ ଭୁସ୍ୟୁଟ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁଳପତି ଓ ଅନ୍ୟମାନେ ।

ମାରାଥନ୍‌କୁ ତିନୋଟି ବର୍ଗରେ ବିଭକ୍ତ କରାଯାଇଛି। ଯେଉଁଥିରେ ଅଭିଜ୍ଞ ଧାବକଙ୍କ ପାଇଁ ୨୧ କିଲୋମିଟର ହାଫ୍ ମାରାଥନ୍, ନିୟମିତ ଧାବକଙ୍କ ପାଇଁ ୧୦ କିଲୋମିଟର ପାୱାର ରନ୍ ଏବଂ ଛାତ୍ରୀଛାତ୍ର ତଥା ସାଧାରଣ ନାଗରିକଙ୍କ ପାଇଁ ୫ କିଲୋମିଟର ଗ୍ରୀନ୍ ରନ୍ ଆୟୋଜନ ହେବ। ପଞ୍ଜୀକରଣ ପ୍ରକ୍ରିୟାକୁ ସହଜ କରିବା ପାଇଁ ୱେବସାଇଟ୍‌କୁ ଅତ୍ୟାଧୁନିକ କରାଯାଇଛି। ମାରାଥନ୍ ଜରିଆରେ ବୁର୍ଲା ତଥା ପଶ୍ଚିମ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଐତିହ୍ୟକୁ ବିଶ୍ୱ ସ୍ତରରେ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାକୁ ସଫଳ କରିବା ପାଇଁ କୁଳସଚିବ ପ୍ରଦୀପ ଡାଙ୍ଗ ସମସ୍ତ ମହଲର ସହଯୋଗ କାମନା କରିଛନ୍ତି। ସମ୍ମିଳନୀରେ ଭାରପ୍ରାପ୍ତ ପ୍ରଫେସର ଡ. ସୁମନ୍ତ ପଣ୍ଡା ଓ ପ୍ରଫେସର ପ୍ରିୟ ରଞ୍ଜନ ମହାପାତ୍ର ମଞ୍ଚାସୀନ ଥିବା ବେଳେ ସମ୍ମିଳନୀକୁ ପ୍ରଫେସର ଡ. ଦେବସ୍ମିତା ମିଶ୍ର ପରିଚାଳନା କରିଥିଲେ।